# DAV PUBLIC SCHOOLS, ODISHA ZONE
# PERIODIC TEST-II (2023-24)

- Please check that this question paper contains **3** printed pages.
- Check that this question paper contains 7 questions.
- Write down the Serial Number of the question in the left side of the margin before attempting it.

## CLASS- VII
## SUB: HIGHER ODIA

**Time Allowed: 1.30 Hours** **Maximum Marks: 40**

ସାଧାରଣ ନିର୍ଦ୍ଦେଶାବଳୀ :

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ଏହି ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୭ଟି ପ୍ରଶ୍ନ ୩ଟି ପୃଷ୍ଠାରେ ମୁଦ୍ରିତ ରହିଛି ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ଆଗରୁ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖ ।
- ଅକ୍ଷରଗୁଡ଼ିକ ପରିଷ୍କାର ଓ ସୁନ୍ଦର ଭାବରେ ଲେଖ ।
- ଗୋଟିଏ ପ୍ରଶ୍ନର ଉତ୍ତର ଲେଖି ସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ପ୍ରଶ୍ନର ଉତ୍ତର ଲେଖ ।

'କ' ବିଭାଗ- ୫ ଅଙ୍କ

୧) ଅନୁଚ୍ଛେଦଟିକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (୧x୫ =୫)

ସୂର୍ଯ୍ୟବଂଶର ରାଜା ଧର୍ମାତ୍ମା ସଗରଙ୍କ ୬୦ ହଜାର କୁପ୍ରବୃତ୍ତି ସମ୍ପନ୍ନ ପୁତ୍ର ଥିଲେ । ଥରେ ରାଜା ସଗର ଅଶ୍ୱମେଧ ଯଜ୍ଞ କଲେ । ଇନ୍ଦ୍ର ଯଜ୍ଞ ଅଶ୍ୱକୁ ଚୋରି କରି ପାତାଳରେ ତପସ୍ୟାରତ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସଗରପୁତ୍ରମାନେ ମୁନିଙ୍କୁ ଅଶ୍ୱଚୋର ବୋଲି କହି ଅପମାନିତ କଲେ । କପିଳ ମୁନି ଏହି ଘଟଣାରେ ଭୟଙ୍କର କ୍ରୋଧିତ ହେଲେ । ତାଙ୍କ ଆଖିର ଅଗ୍ନିଜ୍ୱାଳାରେ ସଗରଙ୍କ ପୁତ୍ରମାନେ ଭସ୍ମ ହୋଇଗଲେ । କପିଳଙ୍କ କ୍ରୋଧ ଶାନ୍ତ ନିମିତ୍ତ ସଗର ନିଜ ପୌତ୍ର ଅଂଶୁମାନଙ୍କୁ ତାଙ୍କ ନିକଟକୁ ପଠାଇଲେ | ଅଂଶୁମାନ ଖୋଜିଖୋଜି କପିଳମୁନିଙ୍କ ଗୁମ୍ଫା ନିକଟରେ ପହଞ୍ଚି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି କ୍ଷମା ପୂର୍ବକ ତାଙ୍କ ପିତୃପୁରୁଷଙ୍କୁ ଉଦ୍ଧାର କରିବାକୁ ପ୍ରାର୍ଥନା କଲେ । ପ୍ରାର୍ଥନାରେ କପିଳମୁନି ଶାନ୍ତ ହୋଇ ଆଶୀର୍ବାଦ ଦେଲେ ଓ କହିଲେ ଯେ କଠୋର ତପସ୍ୟା କରି ତାଙ୍କର ପୌତ୍ର ପୁଣ୍ୟସଲିଳା ଗଙ୍ଗାଙ୍କୁ ଏଠାକୁ ଆଣି ସମସ୍ତଙ୍କୁ ନିଷ୍ପାପ କରିବେ । ପିତୃପୁରୁଷଙ୍କ ଉଦ୍ଧାର ପାଇଁ ତାଙ୍କ ପୌତ୍ର ଭଗୀରଥ ହିମାଳୟରେ କଠୋର ତପସ୍ୟା କରି ଗଙ୍ଗାଙ୍କୁ ଏହି ଧରାପୃଷ୍ଠକୁ ଆଣିଥିଲେ । ଭଗୀରଥଙ୍କ ପଛେପଛେ ଗଙ୍ଗା ଧରାପୃଷ୍ଠକୁ ଆସିଥିଲେ ଓ ସଗରପୁତ୍ରମାନଙ୍କ ଭସ୍ମ ଗଙ୍ଗା ସଂସ୍ପର୍ଶରେ ଆସିବାରୁ ସେମାନେ ମୋକ୍ଷ ଲାଭ କରିଥିଲେ ।

ପ୍ରଶ୍ନ:

(କ) ରାଜା ସଗର କେଉଁ ଯଜ୍ଞ କରିଥିଲେ ?

(ଖ) କପିଳ ମୁନି କ୍ରୋଧିତ ହେଲେ କାହିଁକି?

(ଗ) ଅଂଶୁମାନ କପିଳମୁନିଙ୍କୁ ପ୍ରଣିପାତ କରି କ୍ଷମା ପୂର୍ବକ କ'ଣ ପ୍ରାର୍ଥନା କରିଥିଲେ ?

(ଘ) ସଗର ପୌତ୍ରମାନେ କିପରି ମୋକ୍ଷ ଲାଭ କରିଥିଲେ ?

(ଙ) କିଏ ଗଙ୍ଗାଙ୍କୁ ଧରାପୃଷ୍ଠକୁ ଆଣିଥିଲେ ?

## 'ଖ' ବିଭାଗ (ଲିଖନ-୫ଅଙ୍କ)

୨) ତୁମ ଗ୍ରାମରେ ଏକ ନଳକୂପ ବସାଇବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

(୫x୧ = ୫)

## 'ଗ' ବିଭାଗ ( ବ୍ୟାକରଣ – ୧୦ ଅଙ୍କ)

୩) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

କ) ଅର୍ଥ ଲେଖ (୧x୨=୨)

ପ୍ରବାସ , ପ୍ରମୁଖ

ଖ) ବାକ୍ୟ ଗଠନ କର । (୧x୨ =୨)

ଅବରୋଧ , ଆଶଙ୍କା

ଗ) ବିପରୀତାର୍ଥବୋଧକ ଶବ୍ଦ ଲେଖ | (୧x୨=୨)

ଯତ୍ନ , ଦୁର୍ଗମ

ଘ) ଗଦ୍ୟ ରୂପ ଲେଖ | (୧x୨=୨)

ରକତ , ଜନମ

ଙ) ଶୂନ୍ୟସ୍ଥାନ ପୂରଣ କର | (୧x୨=୨)

i) ଟ୍ରାଫିକ୍ ଛକରେ ________ ବତୀ ଆଗକୁ ଯିବାର ସୂଚନା ଦିଏ ।

ii) ଦୁଇଚକିଆ ଯାନରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ______ ବ୍ୟବହାର କରିବା ଉଚିତ |

## 'ଘ' ବିଭାଗ ( ସାହିତ୍ୟ – ୨୦ଅଙ୍କ)

୪) ସରଳ ଭାଷାରେ ବୁଝାଇ ଲେଖ । (୫x୧=୫ )

ସଡ଼କ ନିରାପତ୍ତା ଓ ଟ୍ରାଫିକ୍ ସଙ୍କେତ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ।

୫) ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୨x୩ = ୬)

କ) ଜେବ୍ରା କ୍ରସିଂ କ'ଣ ?

ଖ) ଜୀବନର କେଉଁ ଦୁଇଟି ବିଶେଷ କାର୍ଯ୍ୟ ସହିତ ଗାଆଁ ମାଟି ଜଡ଼ିତ ?

ଗ) ଓରିଲି ଓ ଇଂରେଜ ଯୁବକଙ୍କୁ କାହିଁକି ମହନୀୟ ଚରିତ୍ର କୁହାଯାଇଛି ?

୬) ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୧x ୪ = ୪)

କ) ସାଙ୍ଗମାନେ ରାସ୍ତାରେ ସାଇକେଲରେ ଗଲାବେଳ କିପରି ଯିବା ଉଚିତ ?

**(i)** ରାସ୍ତା ଅବରୋଧ କରି ଯିବା ଉଚିତ **(ii)** କଥାବାର୍ତ୍ତାହୋଇ ଯିବା ଉଚିତ

**(iii)** ଆଗପଛ ହୋଇ ଯିବା ଉଚିତ **(iv)** ମୋବାଇଲରୁ ଗୀତ ଶୁଣିଶୁଣି ଯିବା ଉଚିତ

ଖ) କବି  ସଚ୍ଚିଦାନନ୍ଦ ରାଉତରାୟଙ୍କ କଣ୍ଠରେ କିଏ କଥା ଦେଇଛି ବୋଲି ସେ କହିଛନ୍ତି ?

**(i)** ଶାଗୁଆ ଲତା (ii) ନଦୀର ଜଳ (iii) ଗ୍ରାମର ବାୟୁ (iv) ମୁରଲୀ ସ୍ୱନ

ଗ) କବିଙ୍କ ଗ୍ରାମର ନାମ କେଉଁଥିରେ ନାହିଁ ?

(i) ଇତିହାସ ପୋଥି (ii) ଭୂଗୋଳ ପୋଥି (iii) ବିଜ୍ଞାନ ପୋଥି (iv) ଗଣିତ ପୋଥି

ଘ) 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନାର ରଚୟିତା କିଏ ?

(i) ଗୋପବନ୍ଧୁ ଦାସ (ii) ବୈଷ୍ଣବ ପାଣି (iii) ରାମକୃଷ୍ଣ ନନ୍ଦ (iv) ଫକୀରମୋହନ ସେନାପତି

୭) ଉତ୍ତର ଲେଖ । (୮୦ରୁ ୧୦୦ ଶବ୍ଦ ମଧ୍ୟରେ ) (୫ x ୧ =୫ )

'ବୀର ସୁରେନ୍ଦ୍ର ସାଏ ଥିଲେ ଜଣେ ମହାନ ସଂଗ୍ରାମୀ ଓ ସଂଘର୍ଷର ପ୍ରତୀକ' **-** ଏହା ତାଙ୍କ ଜୀବନରେ କିପରି ପ୍ରତିଫଳିତ ହୋଇଛି  ବର୍ଣ୍ଣନା କର **।**

୮) ଉତ୍ତମ ପାଠକ ବୋନସ (୧x୪=୪)